Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

**ସପ୍ତାହ –୨୬**

ନ.- ୭୩୦ (ଓଡିଆ ବୁଲେଟିନ)
ତାରିଖ – ୨୫.୦୬.୨୦୨୬

## ଜିଲ୍ଲା – ପୁରୀ

| DISTRICT | PURI | | | | |
|---|---|---|---|---|---|
| Date | 26/06/2026 | 27/06/2026 | 28/06/2026 | 29/06/2026 | 30/06/2026 |
| Rainfall (mm) | 21 | 16 | 18 | 17 | 18 |
| T-MAX (°C ) | 35 | 35 | 35 | 34 | 35 |
| T-MIN (°C ) | 28 | 29 | 29 | 28 | 29 |
| Cloud Cover | 4 | 2 | 2 | 4 | 7 |
| Rh Max (%) | 85 | 86 | 86 | 86 | 87 |
| Rh Min (%) | 56 | 61 | 62 | 61 | 63 |
| Wind speed (kmph) | 8 | 16 | 17 | 22 | 21 |
| Wind Direction (deg) | 217 | 208 | 209 | 214 | 215 |
| ସତର୍କବାଣୀ / ଚେତାବନୀ | ବିଜୁଳି, ଘଡଘଡି ଓ ଝଟକା ପବନ ପ୍ରବାହ ହେବାର ସମ୍ଭାବନା ରହିଅଛି | ବିଜୁଳି, ଘଡଘଡି ଓ ଝଟକା ପବନ ପ୍ରବାହ ହେବାର ସମ୍ଭାବନା ରହିଅଛି | ବିଜୁଳି, ଘଡଘଡି ଓ ଝଟକା ପବନ ପ୍ରବାହ ହେବାର ସମ୍ଭାବନା ରହିଅଛି | କୌଣସି ଚେତାବନୀ ନାହିଁ | କୌଣସି ଚେତାବନୀ ନାହିଁ |

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ ବିଭାଗ (IMD) ର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାରେ ମଧମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୮ ରୁ ୨୨ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪ ରୁ ୩୫ ଡିଗ୍ରୀ ସେଲସିଅସ ଓ ୨୮ ରୁ ୨୯ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

**ଚେତାବନୀ : ଆଗାମୀ ତିନି ଦିନ ପର୍ଯ୍ୟନ୍ତ ବିଜୁଳି, ଘଡଘଡି ଓ ଝଟକା ପବନ ପ୍ରବାହ ହେବାର ସମ୍ଭାବନା ରହିଛି ।**

## ସାଧାରଣ ଉପଦେଶ

- ଖରିଫ ମକା/ ଡାଲି ଜାତୀୟ ଫସଲ ଲଗାଯାଇଥିବା ସ୍ଥାନ ରେ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।
- ତଳିଘରା ପାଇଁ ବଛା ଯାଇଥିବା ଜମିକୁ ୩ - ୪ ଥର ଭଲ ଭାବରେ ହଳ କରି ଘାସ ବାଛି ଦିଅନ୍ତୁ । ବୁଣାଧାନ ପାଇଁ ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୮ କୁଇଣ୍ଟାଲ ସଢା ଗୋବର ଖତ ପ୍ରୟୋଗ କରନ୍ତୁ ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ । ଶେଷ ଜମି ତିଆରି ସମୟ ରେ ଏକର ପ୍ରତି ୨ଟନ ଗୋବର ଖତ ପ୍ରୟୋଗ କରନ୍ତୁ ।
- ଧାନ ବୁଣିବା ପୂର୍ବରୁ ୧ କିଲୋଗ୍ରାମ ବିହନରେ ୧୦ ଗ୍ରାମ ଟ୍ରାଇକୋଡର୍ମା ପାଉଡର କିମ୍ବା ୩ ଗ୍ରାମ କ୍ୟାପଟାନ କିମ୍ବା ୩ ଗ୍ରାମ ଥିରାମ ମିଶାଇ ବିଶୋଧନ କରନ୍ତୁ ।
- ଧାନ ତଳିଘରାରେ ଠିଆ ପାଣି କିପରି ନ ରହିବ ସେଥି ପ୍ରତି ଧ୍ୟାନ ଦିଅନ୍ତୁ । ବର୍ଗମିଟର ପ୍ରତି ୧୦ ଗ୍ରାମ ଡ଼ିଏପି ଓ ୧୦ ଗ୍ରାମ ପଟାସ ସାର ପ୍ରୟୋଗ କରି ୫୦-୬୦ ଗ୍ରାମ ବିଶୋଧିତ ବିହନ କୁ ତଳି ପଟାଳିରେ ୫ ସେ.ମି ବ୍ୟବଧାନରେ ୩ ସେ.ମି ଗଭୀରରେ ବୁଣି ମାଟି ଘୋଡାଇ ଦିଅନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ଓ ବିଦ୍ୟୁତ ଉପକରଣ ଏବଂ ପାଣି ମୋଟର ଚାଲୁ ନ ରଖିବାକୁ ପରାମର୍ଶ ଦିଆଯାଉଅଛି ।
- ୬-ଧାଡି ଚିନାବାଦାମ ପରେ ୨-ଧାଡି ହରଡ ସମ ବ୍ୟବଧାନରେ ଅନ୍ତଃ ଫସଲ ହିସାବରେ ଚାଷ କଲେ ଯବକ୍ଷାରଜାନ ସାର ମିଳିବା ସହିତ ଉପକାରୀ କୀଟ ମାନଙ୍କର

ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇଥାଏ ।

- ❖ କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।
- ❖ ସଅଳ କିମ୍ବା ମଧ୍ୟମ ଋତୁ ରେ ଦେଖା ଯାଉଥିବା ମରୁଡି କୁ ଏଡ଼ାଇବା ପାଇଁ ବର୍ଷାଜଳ ସଂଗ୍ରହ ପ୍ରକଳ୍ପ ଗୁଡ଼ିକୁ ମରାମତି କରନ୍ତୁ ।
- ❖ ଗାଈଗୋରୁ ମାନଙ୍କ ପାଇଁ ଗୁହାଳ ଭିତରେ ଯଥେଷ୍ଟ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରନ୍ତୁ । ପାଗ ଶୁଖିଲା ନଥିଲେ ଘାସ ଚରିବା ପାଇଁ ପଶୁ ମାନଙ୍କୁ ବାହାରକୁ ଛାଡନ୍ତୁ ନାହିଁ ।

**ସଂକ୍ଷିପ୍ତ ଉପଦେଶ:**

- ❖ ଖରିଫ ମକା/ ଡାଲି ଜାତୀୟ ଫସଲ ଲଗାଯାଇଥିବା ସ୍ଥାନ ରେ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।

**ବିଶେଷ ଉପଦେଶ**

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ❖ କାଦୁଅ ତଳିଘରା ପ୍ରସ୍ତୁତି | ଚାଷୀ ଭାଇ ମାନେ ଜଳ ସେଚନ ଓ ଜଳ ନିଷ୍କାସନ ସୁବିଧା ଥିବା ଅଞ୍ଚଳରେ କାଦୁଅ ତଳିଘରା ପାଇଁ ଚୟନ କରନ୍ତୁ । ଗ୍ରାମାଞ୍ଚଳରେ ସାମୁହିକ ତଳିଘରା କରିବା ଉଚିତ । ତଳିଘରା କୁ ୧.୫ ମିଟର ଓସାର ୧୦ ସେ.ମି ଉଚ୍ଚତା ଏବଂ ସୁବିଧା ଅନୁସାରେ ଲମ୍ବ ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ୩୦ ସେ.ମି ଚଉଡା ନାଳି, ଜଳସେଚନ ପାଇଁ ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତକୁ ଛିଞ୍ଚି ଘୋଡାଇ ଦିଅନ୍ତୁ । ତଳିଘରା କୁ ଓଦା ରଖନ୍ତୁ ଏବଂ ଠିଆ ପାଣି କିପରି ନରହିବ ସେହିପରି ଯତ୍ନ ନିଅନ୍ତୁ । |
| ମକା | ଲଗାଇବା ଅବସ୍ଥା | ❖ ଏକ ଏକର ମକା ଚାଷ ପାଇଁ ୬-୭ କିଲୋଗ୍ରାମ ବିହନ ଦରକାର ପଡିଥାଏ । ଫଲ୍ ଆର୍ମି ୱାର୍ମ ନାମକ କୀଟର ପରିଚାଳନା ପାଇଁ ବିହନ କୁ ବୁଣିବା ଆଗରୁ ଏକ କେଜି ବିହନରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । ମୂଳସାର ହିସାବରେ ଏକର ପ୍ରତି ୫୫କିଲୋଗ୍ରାମ ଡ଼ିଏପି , ୨୫କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ ।ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜିକୁ ସିଡଡ୍ରିଲ ବ୍ୟବହାର କରି କିମ୍ବା ଲଙ୍ଗଳ ସିଆର ପଛରେ ଧାଡିରେ ୪ରୁ ୫ ସେ.ମି ଗଭୀରରେ ବୁଣନ୍ତୁ । ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ବୁଣିବାର ୧ ରୁ୨ ଦିନ ଭିତରେ ଜମି ବତର ଥିବା ଅବସ୍ଥାରେ Atrazine ଘାସମରା ଔଷଧ ଏକର ପ୍ରତି ୮୦୦-ଗ୍ରାମ ଔଷଧକୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଚିନାବାଦାମ | ଲଗାଇବା ଅବସ୍ଥା | ❖ ଚିନାବାଦାମ ଚାଷ ପାଇଁ ଏକର ପ୍ରତି ୨ ଟନ ଗୋବର ଖତ ୩୫ କିଲୋଗ୍ରାମ ଡ଼ିଏପି ସାର, ୪ କିଲୋଗ୍ରାମ ୟୁରିଆ ସାର ଓ ୨୬ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାରକୁ ମୂଳ ସାର ଭାବରେ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ଏକର ପ୍ରତି ୧୦୦ କିଲୋଗ୍ରାମ ଜିପସମ କୁ ମୂଳ ସାର ସହିତ ପ୍ରୟୋଗ କଲେ ମଞ୍ଜି ଭଲ ହେବା ସହିତ ତେଲ ଅଂଶ ବଢିଥାଏ। ଧାଡିକୁ ଧାଡି ୩୦ ସେମି ଓ ଗଛ କୁ ଗଛ ୧୦ ସେମି ବ୍ୟବଧାନ ରଖି ମଞ୍ଜିକୁ ୩ ସେମି ଗଭୀରରେ ବୁଣନ୍ତୁ। |
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | ❖ ବର୍ଷା ଛାଡ଼ିଗଲା ପରେ ନିମ୍ନମୁଖୀ ପତ୍ରପୋଡା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୩-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide) ନାମକ ଫିମ୍ପିନାଶକ ଯାହାକି ହାଇ-ଡାଇସ (Hi-dice) ବା କୋଷାଇଡ (Kocide) ନାମରେ ମିଳୁଛି କିମ୍ବା ପ୍ରତି ଲିଟର ପାଣି ରେ ୩-ଗ୍ରାମ ଫୋସେଟାଇଲ-ଅଲ (Fosetyl – AL) ନାମକ ଫିମ୍ପିନାଶକ ଯାହାକି ଅଲିଟେ (Aliette) ନାମରେ ମିଳୁଛି କିମ୍ବା ପ୍ରତି ଲିଟର ପାଣି ରେ ୨-ଗ୍ରାମ କାରବେନଡାଜିମ (Carbendazim) ଏବଂ ମାଙ୍କୋଜେବ (Mancozeb) ର ମିଳିତ ଫିମ୍ପିନାଶକ ଯାହାକି ସାଫ (Saaf) ବା ସିକସର (Sixer) ନାମରେ ମିଳୁଛି, ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ଚାରା ଅବସ୍ଥା | ❖ ବାଇଗଣ ଫସଲରେ ଏକର ପ୍ରତି ଯବକ୍ଷାରଜାନ ୫୦ କେ. ଜି. , ଫସଫରସ ୩୦ କେ. ଜି. , ଓ ପଟାସ ୫୦ କେ. ଜି. , ତିନିଥରରେ ଦେଲେ ଭଲ । ଲଗାଇବା ସମୟରେ ସମୁଦାୟ ଫସଫରସ ସାର ଓ ୨୦ କେ. ଜି. ଯବକ୍ଷାରଜାନ ଓ ୨୦ କେ. ଜି. ପଟାସ ସାର ଦିଅନ୍ତୁ । ଚାରା ଲଗାଇବାର ୩୦ ଦିନ ପରେ ଓ ଆଉ ଥରେ ୫୦ ଦିନରେ ବାକି ସାରକୁ ଭାଗ କରି ଦିଅନ୍ତୁ । ଚାରା ଲଗାଇବାର ୪୦ ଦିନ ପରେ ମିଶ୍ରିତ ଅଣୁସାର ( ଏକ ଲିଟର ପାଣିରେ ୩ ଗ୍ରାମ ) ଦେଲେ ଭଲ ଅମଳ ମିଳେ । |
| ଭେଣ୍ଡି | ଲଗାଇବା ଅବସ୍ଥା | ❖ ବର୍ଷା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ । ବିହନ ବୁଣିବା ପୂର୍ବ ରୁ ପ୍ରତି ୧ କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭ ଗ୍ରାମ Imidacloprid ୭୦ % WS କୀଟନାଶକ, ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । |

| | | |
|---|---|---|
| କାଜୁ | ଲଗାଇବା ଅବସ୍ଥା - ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ବର୍ତ୍ତମାନ ସମୟ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ । ଉନ୍ନତ କିସମ ଯଥା ବଳଭଦ୍ର, OUAT କଳିଙ୍ଗ କାଜୁ -୧ , ଜଗନ୍ନାଥ, Vengurla - 1, 4 & 7, BPP- ୪ & ୮, ଭୁବନେଶ୍ୱର-୧, VRI-୨, Hybrid ୨-୧୬ ଲଗାନ୍ତୁ । ୪୫ × ୪୫ × ୪୫ ସେ.ମି. ଆକାରର ଗାତ ଖୋଳି ଉପକୂଳ ଅଞ୍ଚଳରେ ୭.୫ ମି. × ୭.୫ ମି., ଆଭ୍ୟନ୍ତରୀଣ ଅଞ୍ଚଳରେ ୬ ମି. × ୬ ମି. ଏବଂ ଅନୁର୍ବର ଜମିରେ ୪ ମି. × ୪ ମି. ଦୂରତାରେ ଚାରା ରୋପଣ କରନ୍ତୁ । ପ୍ରତି ଏକରରେ ପ୍ରାୟ ୭୦–୮୦ଟି ଚାରା ରୋପଣ କରନ୍ତୁ ।<br>❖ କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକ ର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ ଭାଗ ବକଳ ଗୋଲେଇକରି ଛିଡାଇ ଦିଅନ୍ତୁ ଓ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟସ (ଶତକଡା ୦.୦୫ ଭାଗ) ପ୍ରୟୋଗ କରନ୍ତୁ । ରାସାୟନିକ ପଦାର୍ଥ ପ୍ରୟୋଗ କରିବା ପରେ, ଗର୍ତ୍ତକୁ ମାଟି ଦ୍ୱାରା ବନ୍ଦ କରିଦିଅନ୍ତୁ, ଯାହାଫଳରେ ଧୂଆଁ ଭିତରେ ଅଟକି ରହି ଲୁଚିଥିବା ପୋକର ଲାର୍ଭା ନଷ୍ଟ ହୋଇଯିବ । |
| ପଶୁସମ୍ପଦ | ❖ ଗାଈ ଓ ମଇଁଷି :<br>ବର୍ଷା ଋତୁରେ ପଶୁମାନଙ୍କ ମଧ୍ୟରେ ରୋଗ ବ୍ୟାପିବାର ସମ୍ଭାବନା ବଢ଼ିଯାଇ ଥାଏ । ତେଣୁ ମୌସୁମୀ ବାୟୁ ପ୍ରବାହ ହେବା ଆଗରୁ ପଶୁମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରନ୍ତୁ । | |
| କୁକୁଡା ପାଳନ | ❖ ବର୍ଷା ଋତୁରେ କୁକୁଡ଼ା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ୍ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ପ୍ରବନ୍ଧ କରନ୍ତୁ । କିଟ ମାନଙ୍କ ଆକ୍ରମଣରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ରହୁଥିବା ସ୍ଥାନ ଚାରିପାଖରେ ଥିବା ନାଳି ଗୁଡିକୁ ସ୍ୱଚ୍ଛ ଓ ଶୁଖିଲା ରଖନ୍ତୁ ଏବଂ ବର୍ଷା ଜଳ ଘର ଭିତରକୁ ସିଧାସଳଖ ପ୍ରବେଶ ନ କରିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାନ୍ତୁ । | |
| ମାଛ ଚାଷ | ❖ କାର୍ପ ଜାତୀୟ ମାଛ ଚାଷ<br>ଗୋଟିଏ ପ୍ରକାର ମାଛ ଚାଷ କରିବା ଅପେକ୍ଷା 2 ରୁ ଅଧିକ ପ୍ରକାର ମାଛ ଚାଷ କଲେ ଅଧିକ ଲାଭ ମିଳିଥାଏ । ପୋଖରୀରେ ବିଭିନ୍ନ ସ୍ତରରୁ ଖାଦ୍ଯ ଖାଇ ବଢିଥିବା କାର୍ପ ଜାତୀୟ ମାଛ ଯଥା ଭାକୁର, ରୋହି ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ଯେପରିକି ଭାକୁର 30-40 ଭାଗ, ରୋହି 50-60 ଭାଗ ଓ ମିରିକାଳୀ 10-20 ଭାଗ ଚାଷ କରିବା ଦ୍ବାରା ଅଧିକ ଲାଭ ମିଳିଥାଏ । ଏହା ବ୍ୟତିତ କିଛି ସଂଖ୍ୟାରେ silver carp, grass carp ଓ common carp କିମ୍ବା Amur carp ପୋଖରୀରେ ଛାଡି ଉତ୍ପାଦନକୁ ଅଧିକ କରାଯାଇ ଥାଏ । ପୋଖରୀରେ ଛୋଟ ଆକାରର ଯାଆଁଳ ଛାଡିବା ଦ୍ବାରା ପ୍ରାରମ୍ଭିକ ମାସରେ ଅଧିକ ମୃତ୍ୟୁ ହାର ଏବଂ ଧୀର ଅଭିବୃଦ୍ଧି ହୋଇପାରେ। ତେଣୁ ଯାଆଁଳ ଅଧିକ ହାରରେ ବଞ୍ଚିବା ଏବଂ ଭଲ ବଢିବା ପାଇଁ 50-100 ଗ୍ରାମ ଆକାରର ଯାଆଁଳକୁ ଛାଡିବା ଉଚିତ । ସାଧାରଣତଃ ପୋଖରୀରେ ଏକର ପିଛା 2000-3000 ଜାତିଆ ବଡ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ପ୍ରାଥମିକ ସ୍ତରରେ ବାଦାମ ପିଡିଆ ଓ କାଣ୍ଡିଆ କୁଣ୍ଡା ସମାନ ଅନୁପାତରେ ମିଶାଇ ଛଡା ଯାଇଥିବା ଯାଆଁଳ ଓଜନର ଶତକଡା 5 ଭାଗ ଖାଇବାକୁ ଦିଆଯାଏ । ପୋଖରୀର ଉର୍ବରତା ବଜାୟ ରଖିବା ପାଇଁ କଞ୍ଚା ଗୋବର ସହିତ urea ଓ single super phosphate ପକାଯାଏ । ଏହା ଦ୍ବାରା ମାଛ ମାନେ ଭଲ ବଢନ୍ତି ଏବଂ 8 ରୁ 10 ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link:** https://play.google.com/store/apps/details?id=com.imd.masuam&hl=hi
**Meghdoot MobileApp link:** https://play.google.com/store/apps/details?id=com.aas.meghdoot

**Damini MobileApp link : https://play.google.com/store/apps/details?id=com.lightening.app.damini&hl=en_IN**

**E-mail: aas_ouat@yahoo.com, WhatsApp: +91 76569 09765, Web Portal:https://ouat.nic.in/agro-advisory-service**